ସକାଳ
THE SAKALA



www.sakalaepaper.com

# ପ୍ରାଚୀତଟ ସଭା ମଣ୍ଡପରେ ପ୍ରସିଦ୍ଧ ଦୋଳ ଯାତ୍ରା

ନିମାପଡ଼ା,୧।୩(ସମିସ)



ପବିତ୍ର ଫଗୁ ଦଶମୀଠାରୁ ଆରମ୍ଭ ହୋଇଯାଇଛି ପ୍ରସିଦ୍ଧ ଦୋଳ ଉତ୍ସବ। ପ୍ରାଚୀ ଉପତ୍ୟକାର ପ୍ରଭୁ ଅମରେଶ୍ୱର ଶମ୍ଭୁ, ବନ୍ଦେଶ୍ୱର ଶମ୍ଭୁ, ପ୍ରଭୁ ମାଧବାନନ୍ଦଜୀଉ, ପ୍ରଭୁ ରାଧାକାନ୍ତ ୪ ଠାକୁର ବିଭିନ୍ନ ଗାଁ ଭ୍ରମଣ କରି ଭୋଗ ଖାଇଥା'ନ୍ତି। ପ୍ରାଚୀ ଉପତ୍ୟକାର ଭେଟ ପଡ଼ିଆଠାରେ ଚତୁର୍ଦ୍ଦଶୀ ତିଥି ବିଳମ୍ବିତ ରାତିରେ ଏହି ଠାକୁରମାନଙ୍କ ମେଳଣ ଅନୁଷ୍ଠିତ ହୋଇଥାଏ। ଯାହା ହରିହର ଭେଟ ଉତ୍ସବ ଭାବେ ପ୍ରସିଦ୍ଧିଲାଭ କରିଛି। ଭେଟ ପଡ଼ିଆର ଉତ୍ତର ଓ ଦକ୍ଷିଣ ଦିଗରେ ଦୁଇଟି ମଣ୍ଡପ ରହିଛି। ହର ଭାବେ ପ୍ରଭୁ ଅମରେଶ୍ୱର ଓ ପ୍ରଭୁ ବନ୍ଦେଶ୍ୱର ଠାକୁର ସ୍ୱ ସ୍ୱ ସୁସଜ୍ଜିତ ବିମାନରେ ଆସି ଉତ୍ତର ପାଶ୍ୱର୍ ମଣ୍ଡପରେ ବସିଥା'ନ୍ତି। ତାଙ୍କ ସହିତ ପ୍ରଭୁ ରାଧାକାନ୍ତ ମଧ୍ୟ ସେହି ମଣ୍ଡପରେ ବସିଥାନ୍ତି। ଯାତ୍ରା ଉତ୍ସବର ଥାନପତି ଭାବେ ପ୍ରଭୁ ମାଧବାନନ୍ଦଜୀଉ ପଡ଼ିଆର ଦକ୍ଷିଣ ପାଶ୍ୱର୍ ମଣ୍ଡପରେ ବସିଥାନ୍ତି। ପ୍ରଥମେ ହର ଠାକୁରଙ୍କ ସେବକମାନେ ଏକ ବିରାଟ ପଟୁଆର, ଶୋଭାଯାତ୍ରାରେ ହରି ବସିଥିବା ମଣ୍ଡପ ନିକଟକୁ ଯାଇ ତାଙ୍କୁ ଫଗୁ, ଫୁଲ ଅର୍ପଣ କରି ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହିତ ଭେଟ ଉତ୍ସବରେ ଯୋଗଦେବାକୁ ଆମନ୍ତ୍ରଣ କରିଥାନ୍ତି। ଏହାର ଜବାବରେ ହରିଙ୍କ ସେବକମାନେ ମଧ୍ୟ ଶୋଭାଯାତ୍ରା ପଟୁଆରରେ ଉତ୍ତର ପାଶ୍ୱର୍ ମଣ୍ଡପ ନିକଟକୁ ଯାଇ ହରମାନଙ୍କୁ ଫୁଲ, ଫଗୁ ଅର୍ପଣ କରି ତାଙ୍କ ନିମନ୍ତ୍ରଣ ସ୍ୱୀକାର କଲେ ବୋଲି ଜଣାଇଥାନ୍ତି। ଉଭୟ ଦିଗ ମଣ୍ଡପରେ ବସିଥିବା ହରି ହର ଠାକୁରଙ୍କ ବିମାନ ଏକ ସମୟରେ ମଣ୍ଡପରୁ ଉଠି ଭେଟ ପଡ଼ିଆରେ ପ୍ରବେଶ କରି ପରସ୍ପର ଦିଗକୁ ଆଗେଇ ଆସନ୍ତି। ଠିକ୍ ବ୍ରାହ୍ମ ମୁହୂର୍ତ୍ତରେ ଭେଟ ପଡ଼ିଆର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହରି-ହରଙ୍କ ମେଳଣ ଅନୁଷ୍ଠିତ ହୋଇଥାଏ। ଥାନପତି ଶ୍ରୀମାଧବାନନ୍ଦଜୀଉଙ୍କ ବିମାନର ଚତୁଃପାଶ୍ୱର୍ରେ ଅନ୍ୟ ତିନି ଠାକୁରଙ୍କ ବିମାନ ଘେରି ଯାଇ ଏକ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି କରିଥାଏ। ଦୋଳ ପୂର୍ଣ୍ଣିମା ଦିନ ଏକତ୍ର ହରି ହରଙ୍କୁ ଦର୍ଶନ କଲେ ପୁଣ୍ୟ ଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ଶୈବ ଓ ବୈଷ୍ଣବ ମତବାଦୀଙ୍କ ମଧ୍ୟରେ ଭାଇଚାରାର ସୁସମ୍ପର୍କ ରଖି ଆଧାତ୍ମିକ ପରିବେଶକୁ ସନ୍ତୁଳନ ରଖାଯିବା ପାଇଁ ଏହି ହରିହର ଭେଟ ଉତ୍ସବ ଆୟୋଜିତ ହୋଇ ଆସୁଥିବା କୁହନ୍ତି ପ୍ରାଚୀ ଗବେଷକ ହଂସନାଥ ସାହୁ। ସେ ଯାହା ହେଉ ନା କାହିଁକି ବର୍ଷସାରା ଶୂନ୍‌ଶାନ୍ ହୋଇ ପଡ଼ି ରହିଥିବା ଭାଣପୁର ସାନହୁଲି ଗ୍ରାମର ଭେଟ ପଡ଼ିଆ ଐତିହାସିକ ସଭା ମଣ୍ଡପ ଦୋଳ ପୂର୍ଣ୍ଣିମା ପୂର୍ବ ଦିନ ଓ ପୂର୍ଣ୍ଣିମା ଦିନ ହରିହର ଠାକୁରଙ୍କ ସମାବେଶରେ ଚଳଚଞ୍ଚଳ ହୋଇପଡ଼େ। ଚଳିତ ବର୍ଷ ଗ୍ରହଣ ଲାଗୁଥିବାରୁ ଠାକୁରମାନେ ସନ୍ଧ୍ୟା ୬ରୁ ୮ଟା ମଧ୍ୟରେ ଭେଟ ପଡ଼ିଆଠାରେ ପହଞ୍ଚି ରାତି ୧୦ଟା ମଧ୍ୟରେ ମେଳଣ କାର୍ଯ୍ୟ ସମାପନ କରି ସ୍ୱ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ଆଖି ଆଗରେ ରଖି ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ସଦଳବଳେ ଉକ୍ତ ସ୍ଥାନରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇଥାନ୍ତି।

## ଗାଁ ଗାଁ ବୁଲି ଫଗୁ ଖେଳିଲେ ଦୋଳ ଠାକୁର



**କଣାସ,୧।୩(ସମିସ):** ସାରା ରାଜ୍ୟରେ ଦୋଳ ଉତ୍ସବ ମହାସମାରୋହରେ ପାଳନ କରାଯାଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ପ୍ରତ୍ୟେକ ଗ୍ରାମରେ ଦୋଳ ଉତ୍ସବ ପାଇଁ ଗାଁଗୁଡ଼ିକ ମୁଖରିତ ହୋଇପଡ଼ିଛି। ଦୋଳ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ଯୋଗୁଁ ଦିନ ତମାମ ଦେବନୀତି ବନ୍ଦ ରହୁଥିବାରୁ ଦୁଇ ଦିନ ହେଲା ପ୍ରତ୍ୟେକ ଗ୍ରାମରେ ଗ୍ରାମ୍ୟ ଠାକୁର ଓ ଆଖପାଖ ଗ୍ରାମର ଠାକୁର ସୁସଜ୍ଜିତ ଦୋଳରେ ବସି ଘଣ୍ଟ, ପେଁକାଳୀ, ବାଦ୍ୟଧ୍ୱନୀ, ଛତ୍ରୀ, ଝଣ୍ଡା, ମଶାଲ ଠାକୁରଙ୍କ ଆଗେ ଆଗେ ଗ୍ରାମ୍ୟ ପରିକ୍ରମା କରୁଥିବା ଦେଖିବାକୁ ମିଳୁଥିଲା। ଠାକୁରଙ୍କ ପରିକ୍ରମା ସମୟରେ ପ୍ରତି ପରିବାର ପକ୍ଷରୁ ଘରର ମୁଖ୍ୟ ଦ୍ୱାର ନିକଟରେ ପିତଳ ଥାଳିରେ ଖଇ, କୋରା, ଶାକର, ଫେଣି, ମୁଆଁ, ଚଣା, ପାଚିଲା କଦଳୀ, ସେଓ, ଅଙ୍ଗୁର ଭୋଗ ପାଇଁ ବଢ଼ା ଯାଇଥାଏ। ଠାକୁରଙ୍କ ସେବା କରୁଥିବା ବ୍ରାହ୍ମଣ ପ୍ରତ୍ୟେକ ଦ୍ୱାରକୁ ଯାଇ ବଢ଼ା ଯାଇଥିବା ଭୋଗକୁ ପୂଜା କରନ୍ତି ଏବଂ ନିଜ ନିଜ ଭିତରେ ଫଗୁ ରଙ୍ଗ ଖେଳ ଖେଳୁଥିବା ଦେଖିବାକୁ ମିଳିଥିଲା।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**କୋଣାର୍କ,୧।୩(ସମିସ):** କୋଣାର୍କ ନିକଟ ପାଇକେରାପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାସିନୀ ରାଉତଙ୍କୁ ସହକର୍ମୀ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଛବିଳ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସିମିଳି ପଞ୍ଚାୟତର ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ ମୁଖ୍ୟ ଅତିଥି, ଗୋପ ବିଆର୍‌ସିସି ଦେବେନ୍ଦ୍ର କୁମାର କାଣ୍ଡି ମୁଖ୍ୟବକ୍ତା, ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥିରୂପେ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତା ଶରତ କୁମାର ପରିଡ଼ା ଓ ପ୍ରକାଶ କୁମାର ବେହେରା, ଶିକ୍ଷାବିତ୍ ପୀତବାସ ସ୍ୱାଇଁ, ଆମ୍ବିଳିଗାଁ ୟୁଜିୟୁପିଏସ୍ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶଙ୍କ ସମେତ ଛାତ୍ରଛାତ୍ରୀ ଓ ଅଭିଭାବକ ଆଦର୍ଶ ଶିକ୍ଷୟିତ୍ରୀ ପ୍ରଭାସିନୀ ରାଉତଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ପ୍ରଭାସିନୀ ଗୁରୁମା'ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗ୍ୟଧର ଟାଙ୍ଗୁଲୁ, ଉପସଭାପତି ମାନସ, ଅଙ୍ଗନବାଡ଼ି କର୍ମୀ ସୁଚିତ୍ରା ଦେବୀ ଓ ସହାୟିକା ଜ୍ୟୋତ୍ସ୍ନା ସମ୍ବର୍ଦ୍ଧନା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ୬୩ ୟୁନିଟ୍ ରକ୍ତ ସଂଗ୍ରହ

**କଣାସ,୧।୩(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ କାଦୁଆ ଗ୍ରାମପଞ୍ଚାୟତ କଉଡ଼ିଖଣିର କାଦୁଆଘାଟ ଏକାଡେମୀଠାରେ ରବିବାର ନ୍ୟାସନାଲ ୟୁଥ୍ ଆସୋସିଏନ ଟିମ୍ ଓଡ଼ିଶା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ୍‌କ୍ରସରୁ ଡାକ୍ତର ଦିବ୍ୟରଞ୍ଜନ ବେହେରା, କୁମର ସ୍ୱାଇଁ, ପ୍ରଶାନ୍ତ ବାରିକ, ସରୋଜ କୁମାର ମହାନ୍ତି ଓ ବିଜୟ ସ୍ୱାଇଁ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ଶିକ୍ଷାବିତ୍ ଅଜୟ ବଳିୟାରସିଂହ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନୀଳମଣି ବେହେରା, ସମାଜସେବୀ ସନ୍ଧ୍ୟାରାଣୀ ସାମନ୍ତରାୟ, ଶିକ୍ଷାବିତ୍ ଗୋବିନ୍ଦ ବେହେରା, ବିଜ୍ଞାନ ବେହେରା, ରଘୁନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ମା' ମଙ୍ଗଳା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



**ଗମ୍ଭାରୀପଦା,୧।୩(ସମିସ):** କାକଟପୁର ବ୍ଲକ୍ ମା' ମଙ୍ଗଳା ବରିଷ୍ଠ ନାଗରିକ ସଂଘର ୯ମ ବାର୍ଷିକ ଉତ୍ସବ ଓ ନୂତନ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ କାକଟପୁର ଚନ୍ଦନ ବଜାରସ୍ଥ ଖୁଣ୍ଟିଆ କନ୍‌ଭେସନର ସଭା ଗୃହରେ ସଂଘର ସ୍ଥାୟୀ ସଭାପତି ପ୍ରଭାକର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କ୍ଷେତ୍ରମୋହନ ଦାଶ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି କାକଟପୁର ଆଇଆଇସି ବସନ୍ତ କୁମାର ସାହୁ ଯୋଗଦେଇ ବରିଷ୍ଠମାନଙ୍କୁ ସାମାଜିକସ୍ତରରେ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇବା ସହିତ ଆଇନଗତ ସହାୟତା ପାଇଁ ଥାନାର ଅଧିକାରୀ ଭାବରେ ସେ ଉପସ୍ଥିତ ବରିଷ୍ଠମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ତରାଇ, ସମ୍ମାନିତ ଅତିଥି ଭାବେ ପଣ୍ଡିତ କାଳନ୍ଦୀ ଛାଟୋଇ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଜୀବନର ପରିଣତ ବୟସରେ ବରିଷ୍ଠ ପିତାମାତାଙ୍କ ଉଚ୍ଚାରଣ ଓ ଆଚରଣରେ ସଂଯମତା ରକ୍ଷାକରିବା ଉପରେ ଗୁରୁତ୍ୱ ଦେବା ସହ ପୁତ୍ର ଓ ପୁତ୍ରବଧୂମାନଙ୍କ ଦ୍ୱାରା ପୀଡ଼ିତ ପିତାମାତାଙ୍କୁ ସାମାଜିକ ନ୍ୟାୟ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାଧୁ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରାଇଥିଲେ। ଉପସ୍ଥିତ ବରିଷ୍ଠମାନେ ନିଜନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ।

## ବିଜୁବାବୁଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

**ନିମାପଡ଼ା,୧।୩(ସମିସ):** ଆସନ୍ତା ୫ ତାରିଖରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନିମନ୍ତେ ନିମାପଡ଼ା ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ରବିବାର ଏକ ପ୍ରସ୍ତୁତି ବୈଠକ ବ୍ଲକ୍ ସଭାପତି ଭାଗ୍ୟଧର ଖଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିମାପଡ଼ା ଦଳୀୟ ଦାୟିତ୍ୱରେ ଥିବା ନେତା ସୁବ୍ରତ ଛାଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ୍ ସଭାପତି ମହେଶ୍ୱର ସ୍ୱାଇଁ, ବରିଷ୍ଠ ନେତା ନିରଞ୍ଜନ ମହାପାତ୍ର, ରବୀନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ଦୁର୍ଲଭ ନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ମଲ୍ଲିକଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହିତ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ ଯେପରି ନିମାପଡ଼ା ପଞ୍ଚାୟତ ସମିତି ଦଖଲ କରିବ ସେଥିପାଇଁ ସମସ୍ତେ ଦାୟିତ୍ୱର ସହକାରେ କାର୍ଯ୍ୟ କରିବାକୁ ସଭାପତି ଶ୍ରୀ ଖଟୋଇ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକକୁ ଯୁବ ନେତା ବିଜୟ ପଟ୍ଟନାୟକ ପରିଚାଳନା କରିଥିଲେ।



## ବଟ ଗୋସେଇଁ ପୀଠରେ ମାଇପି ମେଳା ପାଇଁ ପ୍ରସ୍ତୁତି

**ଚାରିଛକ,୧।୩(ସମିସ):** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ କାନପୁର ବଟ ଗୋସେଇଁ ପୀଠରେ ଆସନ୍ତା ଏପ୍ରିଲ ୧ ତାରିଖରେ ମାଇପି ମେଳା ଅନୁଷ୍ଠିତ ହେବ। ସେଠାରେ ହଜାର ହଜାର ସଂଖ୍ୟାର ଭକ୍ତଙ୍କ ସମାବେଶ ହୋଇଥାଏ। ତାହାକୁ ଦୃଷ୍ଟିରେ ରଖି ମାଇପି ମେଳା ଫାଉଣ୍ଡେସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉକ୍ତ ମେଳାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଜନସାଧାରଣଙ୍କ ଯାତାୟାତ ପାଇଁ ରାସ୍ତା, ପାନୀୟ ଜଳ, ଟଙ୍କ ତୋରାଣି ସହିତ ଭକ୍ତମାନଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ପରିଚାଳନା କମିଟିର ସଭାପତି ଗୋପବନ୍ଧୁ ଲେଙ୍କା, ସମ୍ପାଦକ ଭାସ୍କର ସ୍ୱାଇଁ, କୋଷାଧ୍ୟକ୍ଷ ଭରତ ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ବେହେରା, ଯୁଧିଷ୍ଠିର ନାୟକ, ଟ୍ରଷ୍ଟର ସଭାପତି ସୁଧିର ମହାନ୍ତି ଓ ସମ୍ପାଦକ ରଣଜିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୧।୩(ସମିସ):** ଅସ୍ତରଙ୍ଗ ବ୍ଲକ୍ ଶିକ୍ଷା ମଣ୍ଡଳୀ ଅଧୀନସ୍ଥ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପରିଡ଼ା ଫେବୃଆରୀ ୨୮ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କର ସଚ୍ଚୋଟତା, ଉଚ୍ଚକୋଟିର ଶିକ୍ଷାଦାନ, ସାଂଗଠନିକ ଦକ୍ଷତା ପାଇଁ ସେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅଞ୍ଚଳରେ ସମସ୍ତଙ୍କ ପ୍ରିୟଭାଜନ ଥିଲେ। ସ୍କୁଲର ନୂତନ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଃଖବ୍ୟକ୍ତ କରି ତାଙ୍କୁ ବିଦାୟ ଦେଇଥିଲେ। ତାଙ୍କ ବିଦାୟ ସମୟରେ ବିଦ୍ୟାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ବୈଠକ

**ଡେଲାଙ୍ଗ,୧।୩(ସମିସ):** ଡେଲାଙ୍ଗ ବ୍ଲକ୍ ରାମଚନ୍ଦ୍ରପୁରସ୍ଥିତ ବିଜୟ କଲ୍ୟାଣ ମଣ୍ଡପ ପରିସରରେ ପୁରୀ ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଜରୁରୀ ବୈଠକ କମ୍ରେଡ୍ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଆସନ୍ତା ୮ ତାରିଖରେ, ବିଦ୍ୟୁତ୍ ସମସ୍ୟା ଓ ସ୍ମାର୍ଟ ମିଟର ପ୍ରଚଳନକୁ ବିରୋଧ କରି ପୁରୀ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆଲୋଚନାଚକ୍ରରେ ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୫ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରବିବାର ଅନୁଷ୍ଠିତ ସଭାରେ ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ଏଆଇସିସିଟିୟୁର ଜିଲ୍ଲା ସମ୍ପାଦକ ସତ୍ୟମନ୍ୟୁ ପ୍ରଧାନ, ବୁଲା ବେହେରା, କୈଳାଶ ବେହେରା, ଅଭିମନ୍ୟୁ ବେହେରା, ଭାସ୍କର ଜେନା, କାହ୍ନୁ ଚରଣ ବେହେରା, ରାମ ଚନ୍ଦ୍ର ମହାରଣା, ରାହାସ ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ୮ ତାରିଖ ସମାବେଶକୁ ସଫଳ କରିବାକୁ ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଡେଲାଙ୍ଗ,୧।୩(ସମିସ):** ଡେଲାଙ୍ଗ ବ୍ଲକ୍ ଗୁଆଳିପଡ଼ା ପଞ୍ଚାୟତର ମଡ଼ ପଞ୍ଚୁପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବିଦାୟୀ ଶିକ୍ଷକ ଦାଶରଥି ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷୟିତ୍ରୀ ରିନା ଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ବ୍ଲକ୍ ସହ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ମିଶ୍ର, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ୍, ପ୍ରାକ୍ତନ ପରିଚାଳନା କମିଟି ଅଧ୍ୟକ୍ଷ ହାଡ଼ିବନ୍ଧୁ ସାହୁ, ସିଆର୍‌ସିସି ସୁଦିପ୍ତ ନାୟକ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପ୍ରଧାନ, ପ୍ରଭାସିନୀ ହରିଚନ୍ଦନ, ସୁକାନ୍ତି ବେହେରା, ସମାଜସେବୀ ବିଚିତ୍ର ମୋହନ ମହାନ୍ତି, ସିବୁ ସୋରେନ୍, ଅଭୟ ଚରଣ ସାହୁ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଶିକ୍ଷକ ଓ ଛାତ୍ରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଦିଲ୍ଲୀପ କୁମାର ନାୟକ ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ରବିନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ସାକ୍ଷୀଗୋପାଳ,୧।୩(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପରିସରରେ ଚଳିତ ବର୍ଷ ମହାସମାରୋହରେ 'ଜାତୀୟ ବିଜ୍ଞାନ ଦିବସ' ପାଳିତ ହୋଇଯାଇଛି। ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣଙ୍କ 'ରମଣ ଇଫେକ୍ଟ' ଆବିଷ୍କାରର ସ୍ମୃତିଚାରଣ ପୂର୍ବକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା "ବିଜ୍ଞାନ କ୍ଷେତ୍ରରେ ମହିଳା: ବିକଶିତ ଭାରତର ଅନୁପ୍ରେରକ'। ଦେଶର ପ୍ରଗତୀରେ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନରେ ବିଜ୍ଞାନର ଭୂମିକା ସମ୍ପର୍କରେ ଶିକ୍ଷକ ବିନ୍ଦୁସାଗର ସ୍ୱାଇଁ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ରୋମାଞ୍ଚକର କୁଇଜ୍ ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ସାମ୍ପ୍ରତିକ ବିଜ୍ଞାନ ଓ ସ୍ପେସ୍ ଟେକ୍ନୋଲୋଜି ଉପରେ ପ୍ରଶ୍ନ ପଚରାଯାଇଥିଲା। ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ 'ଦୈନନ୍ଦିନ ଜୀବନରେ ବିଜ୍ଞାନ' ବିଷୟକୁ ନେଇ ପିଲାମାନେ ନିଜର ମତ ରଖିଥିଲେ। କୁନି କୁନି ବୈଜ୍ଞାନିକମାନେ ପରିବେଶ ସୁରକ୍ଷା ଓ ଶକ୍ତି ସଂରକ୍ଷଣ ଉପରେ ଆଧାରିତ ସୁନ୍ଦର ମଡେଲମାନ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜ୍ଞାନକୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି ଏହାକୁ କର୍ମରେ ପରିଣତ କରିବାକୁ ସମସ୍ତେ ଶପଥପାଠ କରିଥିଲେ।

## ଫାଇନାଲରେ ତରଙ୍ଗିରା କ୍ରିକେଟ କ୍ଲବ୍

**ଗୋପ,୧।୩(ସମିସ):** ରବିବାର ମା' ତାରିଣୀ କ୍ରିକେଟ୍ ଗ୍ରାଉଣ୍ଡରେ ପିଣ୍ଟୁ ମାଝୀ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ବାନାମ୍ବର କ୍ରିକେଟ୍ କ୍ଲବ୍ ନୋରଡ଼ ଏବଂ ତାରିଣୀ କ୍ରିକେଟ କ୍ଲବ୍ ତରଙ୍ଗିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବାନାମ୍ବର କ୍ରିକେଟ୍ କ୍ଲବ୍ ୧୫ ଓଭରରେ ୧୩୮ ରନ୍ ସଂଗ୍ରହ କରିଥିଲା। ତରଙ୍ଗିରା ତାରିଣୀ କ୍ରିକେଟ୍ କ୍ଲବ୍ ୧୩ ଓଭରରେ ବିଜୟଲାଭ କରିଥିବାବେଳେ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସତ୍ୟବ୍ରତ ବେହେରା ବିବେଚିତ ହୋଇଥିଲେ।

## ଭୁଶୁଡ଼ି ପଡ଼ିବ ଷଣ୍ଢମରା ସେତୁ !

**ନୟାହାଟ,୧।୩(ସମିସ):** ପୂର୍ତ୍ତ ବିଭାଗ ଅଧୀନରେ ଥିବା ମନାପଡ଼ା କରମଳା ଦେଇ ଯାଇଥିବା କାଦୁଆ ନଦୀର ଷଣ୍ଢମରା ପୋଲଟି ଭୁଶୁଡ଼ି ପଡ଼ିବା ଆଶଙ୍କା ଦେଖାଦେଇଛି। ପୋଲର ଦୁଇ କଡ଼ରେ ବାଡ଼ା ଭାଙ୍ଗି ଯାଇଥିବାବେଳେ ପୋଲର ତଳ ଅଂଶ ଛେଲା ଛେଲା ସିମେଣ୍ଟ ଛାଡ଼ି ରଡ଼ ଦେଖାଗଲାଣି। ତାରି ଉପରେ ଯାତ୍ରୀବାହୀ ବସ୍, ଟ୍ରକ୍ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଥିବାବେଳେ ପୋଲଟିର ଦୁଇ ପାଶ୍ୱର୍ ଦବିଗଲାଣି। କେତେବେଳେ ଯେ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ। ଉକ୍ତ ବିପଦପୂର୍ଣ୍ଣ ପୋଲ ଉପରେ ପ୍ରତିଦିନ ଧୂମାଳ, ଜଙ୍ଗବୋରି, ଦେଝଳି ତିନୋଟି ପଞ୍ଚାୟତର ଲୋକ ଗୋପ ବ୍ଲକ୍‌କୁ ସେହି ପୋଲ ଦେଇ ଯାତାୟାତ କରିଥାନ୍ତି। ପୋଲ ମରାମତି ପାଇଁ ଦୀର୍ଘ ଦିନ ହେଲା ପୂର୍ତ୍ତ ବିଭାଗ ନିକଟରେ ବୀରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଏହାର ମରାମତି ପାଇଁ ଦାବି କରିଆସୁଥିବାବେଳେ ପୂର୍ତ୍ତ ବିଭାଗ କର୍ଣ୍ଣପାତ କରୁନାହାନ୍ତି। ଯଦି କୌଣସି ଅଘଟଣ ଘଟେ ସେଥିପାଇଁ ପୂର୍ତ୍ତ ବିଭାଗ ଦାୟୀ ରହିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।



## ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ

**ପିପିଲି,୧।୩(ସମିସ):** ପିପିଲି ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥି ପୁରୀ ଲୋକସଭା ସାଂସଦ ଡ. ସମ୍ବିତ୍ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ପିପିଲି ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀ କାଳୀପ୍ରସାଦ ମିଶ୍ର, କିଶୋର ଚନ୍ଦ୍ର ଦାଶ ଯୋଗଦେଇ ଟିକାକରଣ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ୧୪ରୁ ୧୫ ବର୍ଷ ଭିତରେ ୯ଜଣ ଯୁବତୀଙ୍କୁ ଏହି ଏଚ୍‌ପିଭି ଟିକା ଦିଆଯିବା ସହ ସେମାନଙ୍କୁ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ପିପିଲି ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।



# ଜଳନିଧି ଯୋଜନା ବାଟବଣା; ଚାଷୀ କ୍ଷତିଗ୍ରସ୍ତ

ପିପିଲି,୧।୩(ସମିସ)

**ଆଜିଠୁ ଧାରଣା ଦେବେ ଜିଲ୍ଲା ପରିଷଦ ସଭ୍ୟ**

ଚାଷୀ ହସିଲେ ଗାଁ ହସିବ, ଗାଁ ହସିଲେ ଦେଶ ହସିବ। ଚାଷୀର ଆୟ ଦୁଇଗୁଣିତ କରିବାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନାମାନ ପ୍ରଣୟନ କରାଯାଇଛି। ମାତ୍ର ଅଧିକାରୀମାନଙ୍କ ନିଷ୍କ୍ରିୟତା ଯୋଗୁଁ ଏହା ବାସ୍ତବ କ୍ଷେତ୍ରରେ ସଫଳ ମିଳିପାରୁନାହିଁ। ଏହିଭଳି ଏକ ଘଟଣା ଘଟିଛି ପିପିଲି ବ୍ଲକ୍ ଅଧୀନସ୍ଥ ଜାସୁଆପୁର ଗ୍ରାମ ପଞ୍ଚାୟତର ପାରିପୋଟଳ ଗ୍ରାମରେ। ନଦୀ, ନାଳ, କେନାଲ ଏବଂ ଡ୍ରେନେଜ୍‌ରେ ଚଳନ୍ତା ପାଣି ହେଉ କିମ୍ବା ଗଭୀରତା ସ୍ଥାନରୁ ଜଳ ଉତ୍ତୋଳନ କରି ଚାଷୀ ତା'ର କ୍ଷେତକୁ ଜଳସେଚନ କରିପାରିବା ଲକ୍ଷ୍ୟ ନେଇ ସରକାର ଜଳନିଧି ଯୋଜନା ପ୍ରଣୟନ କରିଛନ୍ତି। ପୁରୀ ଜିଲ୍ଲାରେ ଲିଫ୍ଟ ବୋର୍ଂ ବ୍ୟାନ୍ ହୋଇଥିବାରୁ ଜଳନିଧି ଯୋଜନାରେ ଚାଷୀ ତା'ର କ୍ଷେତକୁ ଜଳସେଚିତ କରିପାରିବ। ତେବେ ସରକାର ପିପିଲିରେ ଥିବା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍‌କୁ ଏଜେନ୍ସି ଦେଇଛନ୍ତି। ଏହି ଯୋଜନାରେ ପାରିପୋଟଳ ଗ୍ରାମର ଅସୀମା ପ୍ରଧାନ, ସୁଜାତା ରାଉତ, ଦେବସ୍ମିତା ପ୍ରଧାନ, ଗଣେଶ ପ୍ରଧାନ ଆଦି ୭ଜଣ ବ୍ୟକ୍ତି ୨୦୨୩ ସେପ୍ଟେମ୍ବର ୧ ତାରିଖରେ ପିପିଲି ଆଗ୍ରୋ ଅଫିସରେ ଆବେଦନ କରିଥିଲେ। ଜଣେ ହିତାଧିକାରୀ ୧୫ ହଜାର ଟଙ୍କା ହିସାବରେ ୭ ଜଣ ହିତାଧିକାରୀ ୧ ଲକ୍ଷ ୫ ହଜାର ଟଙ୍କା ସେପ୍ଟେମ୍ବର ୪ ତାରିଖରେ ଆଗ୍ରୋ ଅଫିସରେ ଜମାକଲେ। ଏହି ୭ ଜଣ ହିତାଧିକାରୀଙ୍କର ୨୮ ଏକର ଜମି ଜଳସେଚିତ ହୋଇପାରିବ। ଏହାପରେ ଆଗ୍ରୋ ଇଣ୍ଡଷ୍ଟ୍ରି ପକ୍ଷରୁ କ୍ଷମତାଧିକାରୀ ବିଦ୍ୟୁତ୍ ଠିକାଦାରକୁ ବିଦ୍ୟୁତ୍ କାମ କରିବାକୁ ଦିଆଯାଇଥିଲା। ଏହା ଭିତରେ ୨୦୨୪ ମାର୍ଚ୍ଚ ୧୫ ତାରିଖ ବିଦ୍ୟୁତ୍ କାମ ସରିଗଲା। ୨୦୨୫ ମାର୍ଚ୍ଚ ୫ ତାରିଖରେ ହିତାଧିକାରୀମାନଙ୍କୁ ପାଇପ୍, ଫାଇଭ୍ ଏଚ୍‌ପିର ବିଦ୍ୟୁତ୍ ମଟର, ଡେଲିଭରି ପାଇପ୍ ଆଦି ସବୁ ଆଗ୍ରୋ ଅଫିସ ପକ୍ଷରୁ ଯୋଗାଇ ଦିଆଗଲା।

ବିଦ୍ୟୁତ୍ କାମ ସରିବା ପରେ ୨୦୨୫ ଏପ୍ରିଲ ୧୫ ତାରିଖରେ ବିଦ୍ୟୁତ୍ କାର୍ଯ୍ୟ ଯାଞ୍ଚ କରାଗଲା। ଏହାପରେ ବିଦ୍ୟୁତ୍ ଚାର୍ଜ ହେବା କଥା। ମାତ୍ର ସେହିଦିନଠାରୁ ଆଜିକାଲି କହି ଅଦ୍ୟାବଧି ବିଦ୍ୟୁତ୍ ଚାର୍ଜ ହୋଇପାରି ନାହିଁ। ତେବେ ହିତାଧିକାରୀମାନଙ୍କୁ ୨୦୨୬ ଜାନୁଆରୀ ମାସରେ ବିଦ୍ୟୁତ୍ ଚାର୍ଜ ହୋଇଯିବାର ଆଗ୍ରୋ ଜେଇଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ହିତାଧିକାରୀମାନେ ରବି ଧାନ ଚାଷ କରିବା ପାଇଁ ତଳି ପକାଇ ବିଦ୍ୟୁତ୍‌କୁ ଅପେକ୍ଷା କରି ଆଜି ପର୍ଯ୍ୟନ୍ତ ରହିଛନ୍ତି। ହିତାଧିକାରୀମାନଙ୍କ କହିବା ଅନୁସାରେ, ମେ' ଓ ଜୁନ୍ ମାସରେ କାଳବୈଶାଖୀ ବର୍ଷା ହେଉଥିବାରୁ ଏପ୍ରିଲ ମାସ ସୁଦ୍ଧା ଧାନ ଅମଳ କରିବା ଲକ୍ଷ୍ୟରେ ଡିସେମ୍ବର ମାସରୁ ତଳି ପକାଇ ଅପେକ୍ଷା କରି ରହିଛନ୍ତି। ବିଦ୍ୟୁତ୍ ନ ଆସିବାରୁ ଧାନ ତଳି ସବୁ ନଷ୍ଟ ହୋଇଗଲାଣି। ଅନ୍ୟପକ୍ଷରେ ଜେଇ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିଲେ ସେ କେବଳ ଖୁବ୍‌ଶୀଘ୍ର ବିଦ୍ୟୁତ୍ ଚାର୍ଜ ହୋଇଯିବାର କହି କଥାକୁ ଏଡ଼େଇ ଯାଇଥିଲେ। ଏପଟେ ପୁରୀ ଜିଲ୍ଲା ୨୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ସାତଶଙ୍ଖର କୁମାରସ୍ୱରଠାରେ ଥିବା ବିଦ୍ୟୁତ୍ ଅଫିସଠାରେ ହିତାଧିକାରୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇଦେବା ସହିତ ବିଦ୍ୟୁତ୍ ଚାର୍ଜ କରିବା ପାଇଁ ସୋମବାରଠାରୁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡ଼. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା , ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ , ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

# ବାଲୁଗାଁ-ମହିପୁର ରାସ୍ତା: ୫୦ ପ୍ରତିଶତ କାମ ସରିନି, ୧୨ କୋଟି ବିଲ୍

ନୟାଗଡ଼,୧।୩(ସମିସ)

ନୟାଗଡ଼ ଜିଲ୍ଲା ବାଲୁଗାଁ-ମହିପୁର ରାସ୍ତାର ନିର୍ମାଣ ୫୦ ପ୍ରତିଶତ ଶେଷ ହୋଇନାହିଁ। କିନ୍ତୁ ଟେଣ୍ଡର ମୂଲ୍ୟର ୭୫ ପ୍ରତିଶତ ବିଲ୍ ପୈଠ କରିସାରିଲାଣି ପୂର୍ତ୍ତ ବିଭାଗ। ୩ ବର୍ଷ ପରେ ବି ରାସ୍ତା କାମ ତ୍ୱରାନ୍ୱିତ ହୋଇପାରୁ ନ ଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଠିକାସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି। ୨୦୨୩ ଜାନୁଆରୀରୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ୫୦ ପ୍ରତିଶତ ନିର୍ମାଣ ଶେଷ ହୋଇନାହିଁ। ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାରୁ ଗୋଡ଼ି ଉଠିଲାଣି। ୧୪ କିଲୋମିଟର ରାସ୍ତା ନିର୍ମାଣ କରିବାକୁ କେତେ ବର୍ଷ ଲାଗିବ ବୋଲି ପ୍ରଶ୍ନ ଉଠିଲାଣି। ଠିକାଦାର ଓ ପେଟି ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ୮ ପଞ୍ଚାୟତବାସୀ। ଏଭଳି ସ୍ଥିତିରେ କାମଠାରୁ ଅଧିକ ପରିମାଣର ବିଲ୍ ପ୍ରଦାନ କରାଯିବା ଘଟଣା ସନ୍ଦେହ ସୃଷ୍ଟି କରିଛି।

ନୟାଗଡ଼ ବ୍ଲକ ବାଲୁଗାଁ ଏବଂ ନୂଆଗାଁ ବ୍ଲକ ମହିପୁରକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତୀକରଣ ତଥା ଉନ୍ନତୀକରଣ ପାଇଁ ୨୦୨୩ ଜାନୁଆରୀ ୨୫ରେ ଶିଳାନ୍ୟାସ ହୋଇଥିଲା। ନୟାଗଡ଼ ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ଶିଳାନ୍ୟାସ କାର୍ଯ୍ୟାକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ। କ୍ରିଦାଶପୁର ପଞ୍ଚାୟତ ଯଉଡୁକପାଟଣା



ଆମ୍ବତୋଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ରାସ୍ତା ନିର୍ମାଣ ଯଥାଶୀଘ୍ର ଶେଷ ହେବ ବୋଲି ଉଭୟ ବିଧାୟକ ଘୋଷଣା କରିଥିଲେ। ମାତ୍ର ପୂର୍ତ୍ତ ବିଭାଗର ଅବହେଳା ଏବଂ ଠିକାସଂସ୍ଥାର ମନମାନି ପାଇଁ ରାସ୍ତା ନିର୍ମାଣ ଅଧାଅଧୁରା ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଉପରେ ବାଲୁଗାଁ, କ୍ରିଦାଶପୁର, ମାଳିସାହି, ଢେଙ୍କେଣା, ଚାହାଳୀ, ବଡ଼ଗୋଠ, ଦୁରଦୁରା, ମହିପୁର ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ୮ ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗ୍ରାମ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ଅଧପନ୍ତରିଆ ରାସ୍ତା ନିର୍ମାଣ ଦ୍ୱାରା ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଅଧା ନିର୍ମାଣ ଦ୍ୱାରା ବଡ଼ ଗାଡ଼ି ଗୁଡ଼ିକ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଢ଼ବର୍ଷ ତଳୁ ନିର୍ମାଣ ସରିଥିବା କଂକ୍ରିଟ ରାସ୍ତାରୁ ଗୋଡ଼ି ଉଠିଗଲାଣି। ୧୯ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ୧୩ କୋଲୋମିଟର ୭୪୦ ମିଟର ରାସ୍ତା ନିର୍ମାଣ ପାଇଁ ରଘୁନାଥ କନଷ୍ଟ୍ରକ୍ସନ୍ ନାମକ ଠିକାସଂସ୍ଥା କାମ ହାତେଇଥିଲା। ଉକ୍ତ ଠିକାସଂସ୍ଥା ୧୬ କୋଟି ୮୦ ଲକ୍ଷ ବ୍ୟୟରେ ରାସ୍ତା ନିର୍ମାଣ କରିବାକୁ ବିଭାଗ ସହ ଚୁକ୍ତି କରିଥିବା ବେଳେ ନିର୍ମାଣ କାମ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିଲା। ଯାହା ଦ୍ୱାରା ରାସ୍ତା ନିର୍ମାଣରେ ବ୍ୟାପକ ମନ୍ଥରତା ସୃଷ୍ଟି ହୋଇଛି। ୨୦୨୪ ଅଗଷ୍ଟ ୩୧ ତାରିଖ ନିର୍ମାଣ ଶେଷ କରିବାର ଧାର୍ଯ୍ୟ ସମୟ ଥିଲା। ଠିକାସଂସ୍ଥା ମାଲିକଙ୍କ ପରଲୋକ ଘଟିବା କାରଣରୁ ମାଲିକାନା ପରିବର୍ତ୍ତନ ପାଇଁ ପ୍ରଥମେ ବିଳମ୍ବ ହୋଇଥିଲା। ମାଲିକାନା ପରିବର୍ତ୍ତନ ପରେ ମଧ୍ୟ କାମରେ ଅଗ୍ରଗତି ହୋଇପାରୁ ନ ଥିବା ଦେଖାଯାଇଛି। ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ନିର୍ମାଣ ସରିବା ବେଳକୁ ଅଧା ରାସ୍ତା ନଷ୍ଟ ହୋଇ ସାରିଥିବ ବୋଲି ଅନୁମାନ କରାଯାଉଛି। ଏହି ରାସ୍ତା ନିର୍ମଣ ୫୦ ପ୍ରତିଶତ କାମ ବାକି ଥିବା ବେଳେ ଠିକାସଂସ୍ଥାକୁ ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ପୈଠ କରାଯିବା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି। ନଚେତ୍ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଫେରାଦ ହେବେ ବୋଲି କହିଛନ୍ତି।

## ନିର୍ମାଣର ୧ ମାସ ପୂରିନି: ଫାଟି ଆଁ କଲାଣି ପିଚୁ ରାସ୍ତା



ଗଣିଆ,୧।୩(ସମିସ): ପୂର୍ତ୍ତ ବିଭାଗଅଧୀନରେ ଚାଲିଥିବା ପିଚୁ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣର ୧ ମାସ ପୂରିନି, ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗଣିଆ ବ୍ଲକର ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାରେ ନୂତନ ଭାବେ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା ନିର୍ମାଣର ୧ ମାସ ନ ପୂରୁଣୁ ଅନେକ ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ଗଣିଆଠାରୁ କରଡ଼ାପଡ଼ା ମଧ୍ୟରେ ପ୍ରାୟ ୫ରୁ ଅଧିକ ସ୍ଥାନରେ ରାସ୍ତା ଉପରେ ପିଚୁ ଫାଟି ଆଁ କରିବା ସହ ପିଚୁ ଛେଲା ଛାଡ଼ିଗଲାଣି। କିଲୋମିଟର ରାସ୍ତା ନିର୍ମାଣରେ ଯଦି ୫ରୁ ଅଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ତେବେ ସେହି ରାସ୍ତା କେତେ ଦୀର୍ଘସ୍ଥାୟୀ ତାହା ଏବେ ଚିନ୍ତାର କାରଣ ପାଲଟିଛି। ଉକ୍ତ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଠିକାଦାର ଜଣକ ରାତିଅଧିଆ କାର୍ଯ୍ୟ କରୁଥିବା ବେଳେ ଅନେକ ସ୍ଥାନରେ ପିଚୁ ଦବି ଯାଉଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ସବୁ ଜାଣି କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆଉଥରେ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ● ସରମରେଇ ସାହିରେ ଅଗ୍ନିକାଣ୍ଡ

## ପଡ଼ୋଶୀ ନିଆଁ ଲଗେଇଥିବା ଥାନାରେ ଅଭିଯୋଗ

ଓଡ଼ଗାଁ,୧।୩(ସମିସ): ଓଡ଼ଗାଁ ଥାନା କୋରପିଠା ପଞ୍ଚାୟତ ସରମରେଇ ସାହିର ସୀତାରାମ ସେଠୀଙ୍କ ଘରେ ଫେବୃଆରୀ ୨୭ ତାରିଖ ରାତି ୧୦ରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଭସ୍ମୀଭୂତ ହୋଇଛି। ଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗିଥିବା ନେଇ ଗାଁ ଲୋକେ ପାଟିତୁଣ୍ଡ କରିବାରୁ ଘର ଲୋକେ ଉଠି ନିଆଁ ଗ୍ୟାସ ସିଲିଣ୍ଡର ସହ ଅନ୍ୟ ଆସବାବପତ୍ର ଉଦ୍ଧାର କରିଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ପଡ଼ୋଶୀ ତ୍ରିଲୋଚନ ଦାସ ଘରେ ନିଆଁ ଲଗାଇଥିବା ନେଇ ସୀତାରାମଙ୍କ ସ୍ତ୍ରୀ ସବିତା ସେଠୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଟିକାକରଣ ଅଭିଯାନ ଶୁଭାରମ୍ଭ



ନୟାଗଡ଼,୧।୩(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବାଚସ୍ପତି ସୁରମା ପାଢ଼ୀ ରବିବାର ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚପିଭି) ସଂକ୍ରମଣ ନିରାକରଣ ପାଇଁ ଟିକାକରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି। ଏହି ଟିକାକରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଟିକା ଦ୍ୱାରା ଆଗାମୀ ଦିନରେ ଜରାୟୁ ଗ୍ରିବା କର୍କଟ ରୋଗକୁ ଅଟକା ଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ୩୫୦୦ ଟିକା ଆସିଥିବା ବେଳେ ଆଗକୁ ସମୁଦାୟ ୧୦ ହଜାର ଟିକାକରଣ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ଆସନ୍ତା ୩ ମାସ ଚାଲିବ। ୧୪ରୁ ୧୫ ବର୍ଷ ବୟସ୍କ ସମସ୍ତ ବାଳିକା ଏହି ଟିକା ନେବେ। ଏହି ଅବସରରେ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା, ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡା. ସୁଶାନ୍ତ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ବାନାର୍ଜୀ, ଜିଲ୍ଲା ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ତଥା ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତି ଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ଓଡ଼ଗାଁ,୧।୩(ସମିସ): ଓଡ଼ଗାଁସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାପାମାଆଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ବାପାମାଆ ହେବା କେବଳ ସମ୍ବନ୍ଧ ନୁହେଁ, ଏକ କଳା। ଆମେ ସନ୍ତାନଙ୍କ ସଫଳତାରେ ଶ୍ରେୟ ନେବାକୁ ଆଗ୍ରହୀ, କିନ୍ତୁ ତାଙ୍କ ବିଫଳତାରେ ଦାୟୀ ହେବାକୁ ଚାହୁଁନାହୁଁ। ଏହି ମନୋଭାବର ପରିବର୍ତ୍ତନ ଆବଶ୍ୟକ ବୋଲି ସେ କହିଥିଲେ। ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ମନୋଜ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷା ନୀନା ପ୍ରଧାନ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନକୁ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଉଦଘାଟନ କରିଥିଲେ। ସଭାପତି ଯୋଗେଶ୍ୱର ବେହେରା ଓ ସଭ୍ୟ ଖଲେଶ୍ୱର ତ୍ରିପାଠୀଙ୍କ ସମେତ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫିଦେଇ ପୁରସ୍କୃତ କରାଯାଇଥିଲା।

## ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ




ଖଣ୍ଡପଡ଼ା,୧।୩(ସମିସ): ଖଣ୍ଡପଡ଼ା ଅଞ୍ଚଳର ଆରାଧ୍ୟ ଦେବୀ ମା' ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ପ୍ରଥମ କରି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବରାଡ଼, ବ୍ରଜବନ୍ଧୁ ଦେହୁରୀ, ପ୍ରଭାତ କୁମାର ବରାଡ଼, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, କଣ୍ଟିଲୋ, ଭାପୁର, ବୋଲଗଡ଼, ଭୁବନେଶ୍ୱର ଓ କଟକ ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମା' ପାଟଚଣ୍ଡୀଙ୍କ ପୀଠର ସାମଗ୍ରିକ ବିକାଶ ଦିଗରେ ପ୍ରଶାସନିକ ଉଦାସୀନତାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ଖଣ୍ଡପଡ଼ା ଅଞ୍ଚଳର ପ୍ରମୁଖ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଓକିଲ ସଂଘ ଗୃହ ଉଦ୍‌ଘାଟିତ




ନୟାଗଡ଼,୧।୩(ସମିସ): ଜିଲ୍ଲାବ୍ୟାପୀ ଓକିଲମାନଙ୍କ ଦୀର୍ଘଦିନର ପ୍ରଚେଷ୍ଟା ଆଜି ସାକାର ହୋଇଛି। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓକିଲଙ୍କ ବ୍ୟବହାର ପାଇଁ ବହୁ ପ୍ରତୀକ୍ଷିତ ଓକିଲ ସଂଘ ଗୃହ ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଜିଲ୍ଲାପାଳ ମଧୁମିତା ରଥଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ ଦାଶଙ୍କ ଅଧକ୍ଷତାର ଆୟୋଜିତ ଉଦଘାଟନୀ ସଭାରେ ଜିଲ୍ଲା ଓକିଲସଂଘ ପକ୍ଷରୁ ବାଚସ୍ପତି ପାଢ଼ୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଖଣ୍ଡପଡ଼ା ଓକିଲ ସଂଘ ସଭାପତି ସଂଗ୍ରାମ ମିଶ୍ର, ସମ୍ପାଦକ ବିକ୍ରମ କେଶରୀ ଦେଓ, ଓଡ଼ଗାଁ ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦଶପଲ୍ଲା ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ପାତ୍ର ଏବଂ ଦଲିଲ ଲେଖକ ମୋହରିର ସଂଘ ସଭାପତି କ୍ଷୀରୋଦ ମହାପାତ୍ର ପ୍ରମୁଖ ବାଚସ୍ପତି ଏବଂ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ। ବହୁତ ଅପେକ୍ଷା ପରେ ଜିଲ୍ଲାପାଳଙ୍କ ଅଦାଲତ ପରିସରରେ ଓକିଲଙ୍କ ପାଇଁ ସୁନ୍ଦର ବାର୍ ହଲ ପ୍ରଦାନ ପାଇଁ ଜିଲ୍ଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର ବାଚସ୍ପତି ଏବଂ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିଜେ ଆଇନଜୀବୀ ଡିଗ୍ରୀ ହାସଲ କଲାପରେ ଓକିଲାତି କରିବା ପାଇଁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିବା ଏହି ଅବସରରେ ବାଚସ୍ପତି ପାଢ଼ୀ ଭାବବିହ୍ୱଳ ହୋଇ କହିଥିଲେ। ଦଳମତ ନିର୍ବିଶେଷରେ ଜିଲ୍ଲାର ବିକାଶରେ ସାମିଲ ହେବାପାଇଁ ସେ ଓକିଲଙ୍କୁ ଆହ୍ୱାନ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ବାର୍‌ର ବରିଷ୍ଠ ସଭ୍ୟ ଦଣ୍ଡପାଣି ନାୟକ, ମନୋରଞ୍ଜନ ମହାପାତ୍ର, ପ୍ରତାପ ନନ୍ଦ, ଅନୱାର ମଲ୍ଲିକ, ଅରୁଣ ମହାପାତ୍ର, କାଳୁଚରଣ ସ୍ୱାଇଁ, ବିଶ୍ୱେଶ ରଞ୍ଜନ ମହାପାତ୍ର, ଦୀନବନ୍ଧୁ ମହାନ୍ତି, କିଶୋର ଚନ୍ଦ୍ର ମହାପାତ୍ର, ସଂଘ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବାର୍ ଆସୋସିଏସନ ସଦସ୍ୟ ଯୋଗଦେଇଥିଲେ। ସଂଘ ଉପସଭାପତି ସନ୍ତୋଷ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଜେଡିର ବନ୍ଧୁମିଳନ ସମାବେଶ

## ସଙ୍ଗଠନ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ



ଓଡ଼ଗାଁ,୧।୩(ସମିସ): ନୟାଗଡ଼ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ପ୍ରାୟ ଦୁଇ ହଜାରରୁ ଅଧିକ କର୍ମୀ ଓ ସମର୍ଥକଙ୍କୁ ନେଇ ରବିବାର ବୁଢ଼ା ବୁଢ଼ୀଆଣୀ ଡ୍ୟାମ ପରିସରରେ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଛି। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ଗ୍ରାମ ସ୍ତରରୁ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ବିଧାୟକ ଡ. ଅରୁଣ କୁମାର ସାହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ଦଳୀୟ ଏକତା ଓ ଶୃଙ୍ଖଳା ହେଉଛି ସଙ୍ଗଠନର ପ୍ରଧାନ ଶକ୍ତି। ସମସ୍ତେ ଏକତ୍ରିତ ରହି କାର୍ଯ୍ୟ କଲେ କୌଣସି ବିରୋଧୀ ଶକ୍ତି ସଙ୍ଗଠନ ଭିତରକୁ ପ୍ରବେଶ କରିବାର ସୁଯୋଗ ପାଇବେ ନାହିଁ ବୋଲି କହିଥିଲେ। ଦଳୀୟ କର୍ମୀମାନଙ୍କୁ ଗ୍ରାମ ସ୍ତରରେ ଲୋକସମ୍ପର୍କ ବୃଦ୍ଧି, ଲୋକଙ୍କ ସମସ୍ୟା ସମାଧାନ ଓ ସରକାରୀ ଯୋଜନାଗୁଡ଼ିକର ସଠିକ ରୂପାୟନ ପାଇଁ ସମନ୍ୱୟମୂଳକ ଭୂମିକା ନିଭାଇବାକୁ ଆହ୍ୱାନ କରିଥିଲେ। ରାଜ୍ୟରେ ବିଜେପି ସରକାର ଥିବା ସତ୍ତ୍ୱେ, ପଞ୍ଚାୟତ ସ୍ତରରେ ଏହା ଗୁରୁତ୍ୱହୀନ ରହିଛି। ଏଣୁ ସଙ୍ଗଠନକୁ ମଜଭୁତ ରଖିଲେ ରାଜନୈତିକ ସଫଳତାର ଶ୍ରେୟ ମିଳିବା ସହଜ ହୋଇପାରିବ ବୋଲି ସେ କହିଥିଲେ।

### ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଢେଙ୍କାନାଳ ପପୁଲାର କ୍ଲବ ଚାମ୍ପିଅନ

ଖଣ୍ଡପଡ଼ା,୧।୩(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଢେଙ୍କାନାଳ ପପୁଲାର କ୍ଲବ ଏବଂ କଟକ ବିଡ଼ାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇ ବ୍ରେକର ଜରିଆରେ ଢେଙ୍କାନାଳ ପପୁଲାର କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ରେଫରି ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲା ବେଳେ ପ୍ରସନ୍ନ ନାୟକ ଏବଂ ବିଦେଶୀ ନାୟକ ଲାଇନରେ ସହାୟତା କରିଥିଲେ। ସମୀର ଖୁଣ୍ଟିଆ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ।



ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ସାହୁ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଭାରତୀ ଭୂଷଣ ରଥ, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ପଣ୍ଡିତ ମନୋଜ ଦାଶ, ସମାଜସେବୀ ଅଖିଳ କୁମାର ମହାରଣା, ଭୋଳାନାଥ ମହାନ୍ତି, ଆଇନଜୀବୀ ବିକ୍ରମ କେଶରୀ ଦେଓ, ଉଦଘୋଷକ ନିରଦ ଆର୍ଯ୍ୟ, ସିନେ ତାରକା ଧାରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ, ପୁଲିସ ପ୍ରଶାସନ ଓ କ୍ରୀଡ଼ାବିତମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଖେଳ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ହଜାରେରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ବରିଷ୍ଠ କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ ଏବଂ ସ୍ପୋର୍ଟ୍ସ ଆସୋସିଏସନର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ଶେଷ ହୋଇଛି।

## ଜଳିଗଲା ୩ କ୍ୱିଣ୍ଟାଲରୁ ଅଧିକ କୋଳଥ



ଦଶପଲ୍ଲା,୧।୩(ସମିସ): ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଗୋପାଳପୁର ଗ୍ରାମର ହରିହର ପରିଡ଼ାଙ୍କ ଚାଷଜମିରେ କୋଳଥ ଗଦାରେ ଶନିବାର ନିଆଁ ଲାଗି ଅର୍ଦ୍ଧାଧିକ ଫସଲ ପୋଡ଼ି ପାଉଁଶ ହୋଇଛି। ହରିହରଙ୍କ ପୁଅ ରଞ୍ଜନ ନିଆଁ ଲାଗିଥିବା ଖବର ପାଇ ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ତେବେ ସେତେବେଳକୁ ପ୍ରାୟ ୩ କୁଇଣ୍ଟାଲ କୋଳଥ ପୋଡ଼ିଯାଇଥିଲା। ସୂଚନାଯୋଗ୍ୟ, ୨୦୨୦ରେ ଏକ ସଡ଼କ ଦୁର୍ଘଣାରେ ହରିହରଙ୍କ ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିବା ପରେ ସେ ସେହିଦିନଠାରୁ ଏକରକମ୍ ଅକ୍ଷମ ହୋଇ ପଡ଼ିଛନ୍ତି। ପରେ ତାଙ୍କ ପୁଅ ରଞ୍ଜନ ଚାଷବାସ କରିବା ଆରମ୍ଭ କରିଥିଲେ। ଏବେ ପ୍ରାୟ ୬ କ୍ୱିଣ୍ଟାଲ କୋଳଥ ଚାଷ କରିଥିଲେ। ଶନିବାର ଅପରାହ୍ନ ୨ଟାରେ ରଞ୍ଜନ ଗୋପାଳପୁରସ୍ଥିତ ଘରକୁ ଖାଇବାକୁ ଆସିଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକଙ୍କୁ ଡାକି ରଞ୍ଜନ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ସେତେବେଳକୁ ୩ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ କୋଳଥ ପୋଡ଼ିଯାଇତିଲା। ଏହି ଗରିବ ଚାଷୀ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ନାହିଁ ନାହିଁରେ ଚାଲିଛି ଧୂଆଁମଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ୯ ଶ୍ରେଣୀକୁ ୪ କୋଠରି; ଡେପୁଟେସନ ଶିକ୍ଷକ ଭରସା

ଗଣିଆ,୧।୩(ସମିସ)

ଶିକ୍ଷାକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି। ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ମାଗଣା ବହି, ସ୍ମାର୍ଟ କ୍ଲାସରୁମ୍ ଏପରିକି ମାଗଣା ପୋଷାକ ମଧ୍ୟ ବଣ୍ଟନ କରାଯାଉଛି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟାଭିମୁଖୀ କରିବାକୁ ସରକାର ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ କିଛି ଅପାରଗ ତଥା ଦାୟିତ୍ୱହୀନ ଅଧିକାରୀଙ୍କ ଯୋଗୁଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ରାଜ୍ୟର ଅନେକ ସ୍ଥାନରେ ବିଦ୍ୟାଳୟ ଅଛି କିନ୍ତୁ ଶିକ୍ଷକ ନାହାନ୍ତି। କେଉଁଠି ଶିକ୍ଷକ ଅଛନ୍ତି କିନ୍ତୁ ପାଠ ପଢ଼ିବାକୁ ପିଲା ନାହାନ୍ତି ଆଉ କେଉଁଠି ଶ୍ରେଣୀଗୃହ ନାହିଁ। ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଧୂଆଁମଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ନ କହିବା ଭଲ। ନାହିଁ ନାହିଁରେ ଚାଲିଛି ଉକ୍ତ ବିଦ୍ୟାଳୟ।

ଏହି ବିଦ୍ୟାଳୟ ଗଣିଆ ଦଶପଲ୍ଲା ମୁଖ୍ୟ ରାସ୍ତାକୁ ଲାଗି ରହିଥିଲେ ମଧ୍ୟ ଏହାର ସମସ୍ୟା ସମାଧାନ ପାଇଁ କେହି ବି ଦୃଷ୍ଟି ଦେଉନାହାନ୍ତି। ବିଦ୍ୟାଳୟରେ ଶିଶୁ ବାଟିକାରେ ୧୨ ଜଣ, ପ୍ରଥମ ଶ୍ରେଣୀରେ ୫ ଜଣ,




ଦ୍ୱିତୀୟ ଶ୍ରେଣୀରେ ୪ ଜଣ, ତୃତୀୟ ଶ୍ରେଣୀରେ ୧୩ ଜଣ, ଚତୁର୍ଥ ଶ୍ରେଣୀରେ ୫ ଜଣ, ପଞ୍ଚମ ଶ୍ରେଣୀରେ ୧୫ ଜଣ, ଷଷ୍ଠ ଶ୍ରେଣୀରେ ୧୩ ଜଣ, ସପ୍ତମ ଶ୍ରେଣୀରେ ୫ ଜଣ, ଅଷ୍ଟମ ଶ୍ରେଣୀରେ ୯ ଜଣ ଏଭଳି ୮୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୯ ଶ୍ରେଣୀକୁ ୪ ଶ୍ରେଣୀଗୃହ ଥିବାରୁ ପାଠପଢ଼ା କେମିତି ହେଉଥିବ ତାହା ସହଜରେ ଅନୁମାନ କରିହେଉଛି। ୮ ଶ୍ରେଣୀ ପାଇଁ ଏଠାରେ ଜଣେ ମାତ୍ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିବା ବେଳେ ୨ ଶିକ୍ଷକଙ୍କୁ ଡେପୁଟେସନରେ ଏହି ବିଦ୍ୟାଳୟକୁ ପଠାଯାଇଛି। ଆବଶ୍ୟକ ଅନୁଯାୟୀ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ ଡେପୁଟେସନ ଶିକ୍ଷକ ହିଁ ଏମାନଙ୍କ ପାଇଁ ସାହା ଭରସା। ବିଦ୍ୟାଳୟ ଚତୁଃପାଶ୍ୱର୍ରେ ପାଚେରି ନ ଥିବାରୁ ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ଦ ପଡ଼ିଥିବା ବିଦ୍ୟାଳୟ ଚାରିପାଖ ପାଚେରି ନିର୍ମାଣ କରାଯାଉଥିବା ବେଳେ ଆବଶ୍ୟକ ସ୍ଥାନରେ ପାଚେରି ନିର୍ମାଣ ପାଇଁ କେହି ବି ଆଗଭର ହେଉନାହାନ୍ତି। ବିଦ୍ୟାଳୟରେ କମ୍ପ୍ୟୁଟର ନ ଥିବାରୁ ଛାତ୍ରଛାତ୍ରୀ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଅନେକ ବିଦ୍ୟାଳୟରେ କମ୍ପ୍ୟୁଟର ଖତ ଖାଉଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ ଗୋଟିଏ ବି କମ୍ପ୍ୟୁଟର ନାହିଁ। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଯଥାପୂର୍ବଂ ତଥା ପରମ୍। ବିଦ୍ୟାଳୟ ପରିସରରେ ଗୋଟିଏ ଅବ୍ୟବହୃତ କୋଠା ଥିବା ବେଳେ କେତେବେଳେ ଯେ ଭୁଶୁଡ଼ି କିଛି ଅଘଟଣ ନ ଘଟିବ ସେ କଥା କହିହେବ ନାହିଁ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅବ୍ୟବହୃତ କୋଠା ଭାଙ୍ଗିବା ସହ ବିଦ୍ୟାଳୟରେ ଥିବା ଅନ୍ୟ ସମସ୍ୟା ସମାଧାନ କରିବାକୁ ଅଭିଭାବକ ଦାବି କରିଛନ୍ତି।

# ଖଣ୍ଡା ଓ କଟୁରୀ ସହ ୭ ଡକାୟତ କାବୁ

ନିରାକାରପୁର,୧।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ପୁଲିସ। ରବିବାର ଭୋର ସମୟରେ କବରସ୍ଥାନ ନିକଟରେ ସଂଘବଦ୍ଧ ହୋଇ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ପୁଲିସ ଚଢ଼ାଉ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଖସିଯିବାରେ ସଫଳ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଜଙ୍କିଆ ପୁଲିସ ପାଟ୍ରୋଲିଂ



କରୁଥିବା ସମୟରେ ଭୋର ପ୍ରାୟ ୪.୨୦ରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, କିଛି ଦୁର୍ବୃତ୍ତ ମାରଣାସ୍ତ୍ର ସହ ଛଣଗିରି କବରସ୍ଥାନ ନିକଟରେ ଏକାଠି ହୋଇଛନ୍ତି। ଖବର ପାଇ ପୁଲିସ ଟିମ୍ ଦୁଇଜଣ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଘେରି ଯାଇଥିଲେ। ପୁଲିସକୁ ଦେଖି ଦୁର୍ବୃତ୍ତମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ୭ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା ,ଗିରଫ ଯୁବକ ମାନେ ହେଲେ ଏସ.କେ. କରିମ ଓରଫ କାସିମ (୩୪) ଏସ.କେ. ଅଜିମ ଓରଫ ପାପୁ (୩୧), ଏସ.କେ. ସମିମ ଓରଫ ସୋନୁ (୨୬), ରାଜୁ ଖାନ ଓରଫ ବାବୁଲୁ (୧୯), ଗୋବିନ୍ଦ ଜେନା ଓରଫ କାଡୁ (୩୭), ଫାରୁକ ଖାନ (୩୦) ଓ ରଞ୍ଜନ ସ୍ୱାଇଁ (୩୯)। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛି। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ଲୁହା ରଡ୍, ଗୋଟିଏ ଲୁହା ଖଣ୍ଡା, କାଠ ବେଣ୍ଟ ଥିବା ଏକ କଟୁରୀ,୧୮ଟି ଖାଲି ବିୟର ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ସିଗାରେଟ୍ ପ୍ୟାକେଟ୍, ଏକ ମୋଟରସାଇକେଲ୍ ବିଭିନ୍ନ ମାରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସେହି ଅଞ୍ଚଳରେ ରାସ୍ତା ଡକାୟତି ଓ ଘର ଚୋରି କରିବା ପାଇଁ ଯୋଜନା କରିଥିଲେ। ସେମାନଙ୍କ ବିରୋଧରେ ବିଏନଏସ ର ଧାରା ୩୧୦(୪)/୩୧୦(୫) ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜଂକିଆ ପୁଲିସ ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଏସ ଆଇ କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏସ ଆଇ ଦେବସ୍ମିତା ବେହେରା, ମାନସ କୁମାର ଶା, ନିହାର ରଞ୍ଜନ ନାୟକ, ରଞ୍ଜନ କୁମାର ପଟ୍ଟନାୟକ,ନିହାର ରଞ୍ଜନ ଶ୍ରୀଚନ୍ଦନ, ବାସୁଦେବ ମଲ୍ଲିକ ଓ ତ୍ରିଲୋଚନ ଦାସ ପ୍ରମୁଖ ଏହି ଧରପଗଡରେ ସାମିଲ ଥିଲେ।

## ଦୁଇଦିନ ପରେ ରଙ୍ଗର ପର୍ବ ହୋଲି

# ହର୍ବାଲ ରଙ୍ଗରେ ରଙ୍ଗିନ ହେବେ ଜିଲ୍ଲାବାସୀ

## ହୋଲି ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କଲା ପୁଲିସ

ଖୋର୍ଦ୍ଧା,୧।୩ (ସମିସ):

ବର୍ଷକୁ ଗୋଟିଏ ଥର ପଡୁଛି ହୋଲି। ଚଳିତ ବର୍ଷ ଏହାକୁ ଆଡ଼ମ୍ବରର ସହ ପାଳନ କରିବାକୁ ଘରେ ଘରେ ଦେଖାଯାଇଛି ଉତ୍କଣ୍ଠା। ସାତ ରଙ୍ଗର ରଙ୍ଗରେ ମତୁଆଲା ହେବା ନେଇ ପ୍ରସ୍ତୁତି ଜୋର ଚାଲିଥିବା ବେଳେ ଭଲ ବ୍ୟବସାୟ ହେବା ଆଶାରେ ଜିଲ୍ଲାର ବିଭିନ୍ନ ଗାଁ ଠାରୁ ସହରର ପ୍ରତି ଗଳିକନ୍ଦିରେ ଖୋଲିଛି ରଙ୍ଗ ଦୋକାନୀଙ୍କ ପସରା। ବିଭିନ୍ନ ରଙ୍ଗ ବେରଙ୍ଗର ରଙ୍ଗ ବିକ୍ରୀ ହେଉଥିବା ବେଳେ ଚଳିତ ବର୍ଷ ହରବାଲ ରଙ୍ଗର ବେଶ୍ ଚାହିଦା ରହିଛି। ତେଣୁ ରଙ୍ଗ ଦୋକାନରେ ଲୋକମାନେ ଭିଡ ଜମାଇଥିବାବେଳେ ଗ୍ରାହକଙ୍କ ଚାହିଦା ମୁତାବକ ୧୦ରୁ୧୫ପ୍ରକାର ହରବାଲ ଗୁଲାଜା ରଙ୍ଗ ମହଜୁତ ରଖାଯାଇଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି।

ଜଟଣୀ ସହରର ପ୍ରତିଷ୍ଠିତ ରଙ୍ଗ ବ୍ୟବସାୟୀମାନଙ୍କ କହିବା ଅନୁସାରେ ବଜାରେ ହରବାଲ ରଙ୍ଗ କିଲୋ ପିଛା ୩୦ଟଙ୍କା ଠାରୁ ଦୁଇଶହ ଟଙ୍କାରେ ବିକ୍ରୀ ହେଉଛି। ସେହିପରି ରଙ୍ଗବେରଙ୍ଗ ପିଚ୍‌କାରୀ ପଶୁ ପକ୍ଷୀ ମୁଖା ଓ ବିଭିନ୍ନ ମୁଖା ଏବଂ ବିଭିନ୍ନ ପ୍ରକାର କେଶର ମଧ ବେଶ ଚାହିଦା ରହିଛି। ରଙ୍ଗ ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ କୁହାଯାଇଥିବା ଜଟଣୀ ସହରରେ ୬/୭ ଗୋଟି ରଙ୍ଗ ଗୋଦାମ ଥିବାବେଳେ ଏଠାରୁ ନୟାଗଡ଼, ଖୋର୍ଦ୍ଧା,



ପୁରୀ, କଟକ ଜିଲ୍ଲାର ବାଙ୍କୀ ପ୍ରଭୃତି ଅଞ୍ଚଳର ଖୁଚୁରା ବ୍ୟବସାୟୀ ଗତ ଏକ ସପ୍ତାହ ତଳୁ ଗ୍ରାହକଙ୍କ ଚାହିଦା ମୁତାବକ ରଙ୍ଗ ନେଇ ନିଜ ପାଖରେ ରଖିଥିବା ପ୍ରକାଶ କରିଛନ୍ତି। ଏ ସବୁ ରଙ୍ଗ ସାଧାରଣତଃ ପଶ୍ଚିମବଙ୍ଗ, ଦିଲ୍ଲୀ, ଅହମଦାବାଦ୍, ରାୟପୁର ପ୍ରଭୃତି ଅଂଚଳରୁ ଆସୁଥିବାବେଳେ ହାତରେ ଆଉ ୨ ଦିନ ଥିବାରୁ ବ୍ୟବସାୟ ଭଲ ହେବା ଆଶା ରଖିଛନ୍ତି।

ଚଳିତ ବର୍ଷ ଅଧିକା ମାତ୍ରାରେ ହର୍ବାଲ ରଙ୍ଗ ବଜାରରେ ମିଳୁଥିବା ଯୋଗୁଁ ଜିଲ୍ଲାବାସୀ ହରବାଲ ରଙ୍ଗରେ ରଙ୍ଗିଲା ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। କେତକ ବେସରକାର ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନରେ ଏବେଠାରୁ ହୋଲି ଖେଳର ମଜା ଦେଖିବାକୁ ମିଳିଛି।ରଙ୍ଗ ଖେଳିବା ପୁର୍ବରୁ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନୁରୋଧ କରିଛନ୍ତି। ରାସାୟନିକ ରଙ୍ଗ ଉପରେ ହାଇ କୋର୍ଟ କଟକଣା ଜାରି ସତ୍ତ୍ୱେ ସହର ବିଭିନ୍ନ ରଙ୍ଗ ଦୋକାନରେ ଏବେ ବି ଖୋଲାମ ଖୁଲା ରାସାୟନିକ ରଙ୍ଗ ବିକ୍ରି ହେଉଥିବା ଦେଖାଯାଇଛି। ଉକ୍ତ ଦୋକାନ ଗୁଡ଼ିକରେ ମୁଣ୍ଡଫଟା, ବାନିସ, ପାଣିରଙ୍ଗ ଭଳି ରାସାୟନିକ ରଙ୍ଗ ବିକ୍ରୀ ହେଉଥିବାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦରେ ଶୋଇଥିବା ଜଣାଯାଇଛି।ଯାହା ର ବେଶ ଫାଇଦା କିଛି ବ୍ୟବସାୟୀ ନେଉଥିବାବେଳେ ରାସାନିୟକ ରଙ୍ଗ ର କୁପ୍ରଭାବ ଫଳରେ ରଙ୍ଗ ଖେଳୁଥିବା କେତକ ଜନସାଧାରଣଙ୍କର ଚର୍ମରୋଗ ଏବଂ ଆଖି ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଅଭିଭାବକମାନେ ନିଜର ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନନେଲ କୋମଳ ମତୀ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବା ଆଶଙ୍କା ଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟ ପକ୍ଷରେ ଜାତି, ଧର୍ମ ସମ୍ପ୍ରଦାୟ ମିଶି ହୋଲି ଖେଳ ଧୂମଧାମ୍ ରେ ପାଳନ କରିବାକୁ ପ୍ରସ୍ତୁତି ପ୍ରାୟ ଅଧିକାଂଶ ସ୍ଥାନରେ ଶେଷ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ହୋଇଥିବା ଜଣାଯାଇଛି। ତେବେ ହୋଲି ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଏସ୍‌ପି ବିବେକାନନ୍ଦ ଶର୍ମା ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିବାବେଳେ ସୁରକ୍ଷା ପାଇଁ ଜିଲ୍ଲା ବ୍ୟାପି ୭ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ। ଏଥିସହିତ ପ୍ରତିଥାନା ଅଧିକାରୀ ଏବଂ ଅଫିସରମାନେ ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଥିବାବେଳେ ସମ୍ବେଦନଶୀଳ ସ୍ଥାନମାନଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଜଣାଯାଇଛି।

# ଦୁଇ ଅଭିଯୁକ୍ତ ଗିରଫ, ଲୁଟ୍ ସାମଗ୍ରୀ ଉଦ୍ଧାର

ବାଲୁଗାଁ,୧।୩(ସମିସ) :

ବାଲୁଗାଁ ଥାନା ଅନ୍ତର୍ଗତ ଛେଡାପଦର ଗ୍ରାମରେ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରେ ପଶି ଲୁଟି ନେଇଥିବା ଅଭିଯୋଗରେ ବାଲୁଗାଁ ପୁଲିସ ଏଥିରେ ସମ୍ପୃକ୍ତ ଦୁଇ ଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ଦୁଇ ଅଭିଯୁକ୍ତ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ଜିତେନ୍ଦ୍ର ଜାଲି ଓ ରମେଶ ଦାସ ବୋଲି ଜଣାପଡିଛି। ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ଛେଡାପଦର ଗ୍ରାମର ଅସିତ ଦାସ ସପରିବାର କୌଣସି କାର୍ଯ୍ୟରେ ବାହାରକୁ ଯାଇ ଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଦୁଇ ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଘର ଭିତରେ ପଶି ଘରେ ଥିବା ଗ୍ୟାସ ଚୁଲା, ସିଲିଣ୍ଡର, ଇନଭର୍ଟର, ବ୍ୟାଟେରୀ ସମେତ ବାସନ କୁସନ ଆଦି ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ସାହି ପଡୋଶୀଙ୍କଠାରୁ ଚୋରି ସମ୍ପର୍କରେ ଖବର ପାଇ ଅସିତ ଗ୍ରାମରେ ପହଞ୍ଚି ଚୋରି ସମ୍ପର୍କରେ ଜାଣି, ଏ ନେଇ ନାଭାଲ ଫାଣ୍ଡିରେ ଅଭିଯୋଗ କରିଥିଲେ।ଅଭିଯୋଗ ଆଧାରରେ ବାଲୁଗାଁ ଥାନାରେ ଏକ ମାମଲା ରୁଜୁ କରି ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ଓ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ତଦନ୍ତ ଆରମ୍ଭ କରି ଦୁଇ ଲୁଟେରା ଜିତେନ୍ଦ୍ର ଓ ରମେଶଙ୍କୁ ଧରି ସେମାନଙ୍କ ଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରି ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

# ଟ୍ରେନ ଧକ୍କାରେ ଯୁବକ ମୃତ

ବାଲୁଗାଁ,୧।୩ (ସମିସ) : ଖୋର୍ଦ୍ଧା ରୋଡ଼ ରେଳ ଡ଼ିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ ନିକଟ ରେଳଧାରଣରେ ରବିବାର ଟ୍ରେନ ଧକ୍କାରେ ଜଣେ ଅଜଣା ଯୁବକ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରି ନଥିବା ବେଳେ ମୃତଦେହକୁ ରେଳବାଇ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସକାଳ ପ୍ରାୟ ୧୦ଟାରେ ବାଲୁଗାଁ ରେଳ ଷ୍ଟେସନ ନିକଟ ରେଳଧାରଣାରେ ଏକ ମାଲବାହୀ ଟ୍ରେନ ଜଣେ ଅଜଣା ଯୁବକଙ୍କୁ ଧକ୍କା ଦେଇଥିଲା। ଖବର ପାଇ ବାଲୁଗାଁ ରେଳବାଇ ପୁଲସ କିଛି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ହେଲେ ସଂଧ୍ୟାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜିଆରପି ପୁଲିସ ଶବକୁ ଜବତ କରି ଏ ସଂର୍କାନ୍ତରେ ବିଭାଗ ପକ୍ଷରୁ୧୦/୨୬ ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଅବ୍ୟାହତ ରଖିଛନ୍ତି। ମୃତ ଯୁବକଙ୍କ ଆନୁମାନିକ ବୟସ ପ୍ରାୟ୩୦ ବର୍ଷ ହୋଇଥିବା ଜଣା ପଡିଥିବା ସହ ସେ ବ୍ଲୁ ରଂଗର ପ୍ୟାଣ୍ଟ ଓ ଗ୍ରୀନ ରଂଗର ଚେକ ସାର୍ଟ ପରିଧାନ କରିଥିବା ଦେଖିବାକୁ ମିଳିଛି।

# ପୂର୍ତ୍ତ ବିଭାଗ ରାସ୍ତାରେ ଗାର୍ଡୱାଲ୍ ନିର୍ମାଣ ଦାବି

ବେଗୁନିଆ,୧।୩(ସମିସ): ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର-ତୁଳସୀପୁର ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଗାର୍ଡ ୱାଲ ନିର୍ମାଣ ପାଇଁ ଦାବି ହେଉଛି। ଏହି ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ଠାରୁ ତୁଳସୀପୁର ଛକ ପର୍ଯ୍ୟନ୍ତ ଦେଢ଼ କିମି ପର୍ଯ୍ୟନ୍ତ ଉଚ୍ଚତା କମ ହୋଇ ଥିବାରୁ ବର୍ଷା ଦିନରେ ବନ୍ୟା ଜଳ ପ୍ରବାହିତ ହୋଇଥିବାର ଦେଖିବାକୁ ମିଳିଥାଏ। ଯାହାକି ଢ଼ଳେଇ ରାସ୍ତାରେ ବଡ ଖାଲ ଢିପ ହୋଇଥିବା ବେଳେ ପ୍ରତିଦିନ ଯାତାୟାତ କରୁଥିବା ଯାନବାହାନ, ମୋଟର ସାଇକେଲ ଆରୋହୀ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏପରିକି ସିମୋର ଠାରୁ ଭୋଗଡା ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଠିକାଦାର ଦେଢ଼ କିମି ରାସ୍ତା ନିର୍ମାଣରେ କାହିଁକି ବିଳମ୍ବ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ଉଭୟ ପାଶ୍ୱର୍ରେ ଅନାବନା ଗଛ ରହି ଥିବାରୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବାରୁ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ ଗାର୍ଡ ୱାଲ ପାଇଁ ଅଧିକ ଅର୍ଥ ରାଶି ଆବଶ୍ୟକ କରୁଥିବାରୁ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଗଣ ମାଧ୍ୟମ ଆଗରେ ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ବିଜୟ କୁମାର ସାମନ୍ତରାୟ ଓ ସନ୍ତୋଷ କୁମାର ସାମନ୍ତ ରାୟ ସମେତ ଜନ ସାଧାରଣ ଦାବୀ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ରାସ୍ତା ନିର୍ମାଣ ସମ୍ପର୍କରେ ପଚାରିବାରୁ ଠିକାଦାର କାର୍ଯ୍ୟ କରିବ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍: ଭୁବନେଶ୍ୱର ରେନ୍‌ବୋ ଚାମ୍ପିଅନ



ବେଗୁନିଆ,୧।୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମରେ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟଅତିଥି, ସମାଜସେବୀ ପ୍ରଭାତ କୁମାର ବାହିନୀପତି, ଶିବ ନାରାୟଣ ମିଶ୍ର, ସ୍ଥାନୀୟ ରମାମଣି ମହାବିଦ୍ୟାଳୟ ଅଧ୍ୟାପିକା ସୌମ୍ୟା ଷଡ଼ଙ୍ଗୀ,ଅଧ୍ୟାପକ ଦିଲ୍ଲୀପ ସାଥୁଆ, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହି, ପୂର୍ବତନ ଫୁଟବଲ୍ ଖେଳାଳୀ ରାଧାଶ୍ୟାମ ସାହୁ, ପୂର୍ବତନ ଇଣ୍ଡିଆନ ବ୍ୟାଙ୍କ କୋଷାଧ୍ୟକ୍ଷ ସତ୍ୟବାଦି ଦୋରା, ସମାଜପ୍ରେମୀ ମାନସ ବେହେରା ଓ ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ଏହି ଖେଳରେ ୬ ଗୋଟି ଦଳ ଯଥା ନୟାଗଡ଼ ଇଟାମାଟି, ଭୁବନେଶ୍ୱର ରେନବୋ, ଖୋର୍ଦ୍ଧା କଣ୍ଟାବାଡ, ଆଠଗଡ ଜେନାପଦା, ଯାଜପୁର ଜନକ ଓ ପୁରୀ କ୍ଲବ ପୁରୀ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ଭୁବନେଶ୍ୱର ରେନବୋ ବିଜେତା ଏବଂ ଯାଜପୁର ଜନକ ଉପବିଜେତା ଘୋଷିତ ହୋଇ ଟ୍ରଫି ଗ୍ରହଣ କରିଥିଲେ। ରେଫରୀ ଲଳିତ ମୋହନ ବଳିୟାରସିଂହ,ଉଦୟଭାନୁ ସୁନ୍ଦରାୟ ଓ ପ୍ରିୟ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ଗଣେଶ କୁମାର ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ସୌମ୍ୟରଞ୍ଜନ ଦାଶ, ଅଜୟ ବେହେରା, ଜ୍ଞାନରଞ୍ଜନ ଜେନା,ଦୀପକ ରାଉତ, ସୌମ୍ୟ ରଞ୍ଜନ ଦାଶ, ଦୀନବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓଁ ପ୍ରକାଶ ବ୍ରହ୍ମା, ଦୁର୍ଗାଶଙ୍କର ଦାଶ, ଦିଲ୍ଲୀପ ରାଉତ, ସୁଶାନ୍ତ ନାୟକ ଓ ସିତିକଣ୍ଠ ଦାଶଙ୍କ ସମେତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ବେଗୁନିଆ,୧।୩ (ସମିସ): ବୋଲଗଡ ବ୍ଲକ ଗେଡିଆପଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମସ୍ଥିତ ଆରାଧ୍ୟ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ସପ୍ତ ବିଂଶତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନ ଯଜ୍ଞ ସାତ ଦିନ ଧରି ଚାଲୁ ରହିଛି। ଏଥିରେ ବୃନ୍ଦାବନ ଶ୍ରୀଧାମର ପୂଜ୍ୟ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନ ଓ ସତସଙ୍ଗ କମିଟିର ସହଯୋଗରେ ବ୍ୟାସ ଭାବେ ପୁରୀ ମଙ୍ଗୁମଠ ଭୋଲୁ ବାବାଙ୍କ ନେତୃତ୍ୱରେ ସ୍ୱନାମଧନ୍ୟ ବିଦ୍ୱାନ୍ ସ୍ୱାମୀ ସ୍ୱରୂପା ନନ୍ଦ ସରସ୍ୱତୀ, ସରୋଜ କୁମାର ମହାରଣା,ସୁଦର୍ଶନ ତ୍ରିପାଠୀ ଓ ଦେବାଶିଷ ରାୟ, ଉପସ୍ଥିତ “ମର୍ଯ୍ୟାଦା ପୁରୁଷୋତ୍ତମ ରାମକଥା’କୁ ଶ୍ରୋତା ମାନଙ୍କ ସମ୍ମୁଖରେ ପରିବେଷଣ କରୁଛନ୍ତି।

# ପଞ୍ଚଦିବସୀୟ ବାଦୀପାଲା ସମାପନ

ବାଣପୁର, ୧।୩ (ସମିସ) : ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମରେ ଦୀର୍ଘ ୫ ଦିନ ଧରି ଚାଲିଥିବା ପଞ୍ଚ ଦିବସୀୟ ବାଦୀ ପାଲା ସମାପନ ହୋଇଯାଇଛି। ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଖଣ୍ଡଗିରିର ବିଶିଷ୍ଟ ଗାୟକ ସ୍ୱର୍ଣ୍ଣସାରସ ହରିହର ପାଣିଗ୍ରାହୀଙ୍କର ସୁମଧୁର ସାହିତ୍ୟ ଚର୍ଚ୍ଚା ସହ ବୈଦେଶ ବିଳାସର ବିଷୟ ବସ୍ତୁ ଉପରେ ପାଲା ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ସେହିପରି ଖୋର୍ଦ୍ଧା ମଲିପଦରର ସୁପରିଚିତ ଗାୟକ ତତ୍ତ୍ୱଶ୍ରୀ ସୁନୀଲ କୁମାର ମହାପାତ୍ରଙ୍କ ପାଲା ପରିବେଷଣ ଦର୍ଶକ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଗାଲୁଆ ଗ୍ରାମର ଗୌରାଙ୍ଗ ଘଡ଼ାଇ, ଜୟସେନ ଘଡେଇ, ସୁଶାନ୍ତ ଘଡ଼ାଇ, ଯଦୁମଣି ଘଡ଼ାଇ, ହରିଆ ଘଡ଼ାଇ ଓ ଗୟା ଘଡ଼ାଇ ପ୍ରମୁଖ ପରିଚାଳନା କରିଥିଲେ।

# ଦୋଳ ବିମାନରେ ବସି ଭୋଗ ଖାଇଲେ ନୀଳକଣ୍ଠେଶ୍ୱର



ଜଟଣୀ, ୧।୩ (ସମିସ): ପବିତ୍ର ଦୋଳ ପୂର୍ଣ୍ଣମୀ ଦିନେ ଦୁଇ ଦିନ ବାକି ଥିବା ବେଳେ ଚଳଚଞ୍ଚଳ ହୋଇଉଠୁଛି ଗାଁ ପରିବେଶ । ଶନିବାର ବିଳମ୍ବିତ ରାତିରେ ଜଟଣୀ ବ୍ଲକ ଜାମୁକୋଲି ଗ୍ରାମରେ ଭୋଗ ଖିଆ ସରିବା ପରେ ଆଜି ରବିବାର ପ୍ରାତଃରୁ ଦୋଳ ବିମାନରେ ବସି ପ୍ରଭୁ ନୀଳକଣ୍ଠେଶ୍ୱର ଦେବ ମୁଣ୍ଡଳ ଗ୍ରାମରେ ଘର ଘର ବୁଲି ଭୋଗ ଖାଇଛନ୍ତି । ଗ୍ରାମର ଯୁବକ ମାନେ ବିମାନ କାନ୍ଧେଇ ଥିଲେ ଏବଂ ପ୍ରଭୁଙ୍କ ବିମାନ ସମ୍ମୁଖରେ ଘଣ୍ଟ ଘଣ୍ଟା, ନାମ ସଂକୀର୍ତ୍ତନ, ଢୋଲ ବାଜା ଇତ୍ୟାଦି ବଜାଇ ଭକ୍ତ ମାନେ ବିମାନକୁ ଗ୍ରାମ ପରିକ୍ରମା କରିଥିଲେ । ଏହି ଅଞ୍ଚଳର ପ୍ରସିଦ୍ଧ ପାଞ୍ଚ ପଡ଼ାର ଆରାଧ୍ୟ ଠାକୁର ପଞ୍ଚୁପଲ୍ଲୀଠାରେ ବିଜେ ନୀଳକଣ୍ଠେଶ୍ୱର ଦେବ ବିମାନରେ ଆସି ଜାମୁକୋଳି, ମୁଣ୍ଡଳ, ନୂଆ ଗାଁ, ବ୍ରହ୍ମକୁଣ୍ଡଳ ଇତ୍ୟାଦି ଗ୍ରାମରେ ଘର ଘର ବୁଲି ଭୋଗ ଖାଇ ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

# ଚିଲିକାରୁ ଘର ବାହୁଡ଼ିଲେ ବିଦେଶାଗତ ପକ୍ଷୀ

ବାଲୁଗାଁ,୧।୩(ସମିସ) ; ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତଋତୁରେ ଆଗମନ କରିଥିବା ଲକ୍ଷ ଲକ୍ଷ ବିଦେଶାଗତ ଅତିଥି ପକ୍ଷୀ ବର୍ତ୍ତମାନ ଗ୍ରୀଷ୍ମ ଋତୁର ଆଗମନରେ ଚିଲିକାର ଉଷ୍ମତା ବୃଦ୍ଧି ପାଇବା ଆରମ୍ଭ ହୋଇଥିବାରୁ ଘର ବାହୁଡ଼ା ଆରମ୍ଭ କରି ଦେଇଛନ୍ତି। ଜଳବାୟୁ ଉଷ୍ମତା ବୃଦ୍ଧି ପାଇବା ସଂଗେ ସଂଗେ ନୀଳାମ୍ବୁ ଚିଲିକାର ମୋହ ଛାଡ଼ି ବିଦେଶାଗତ ରଙ୍ଗ ବେରଙ୍ଗର ପକ୍ଷୀମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଘର ମୁହାଁ ହେବାରେ ଲାଗିଛନ୍ତି। ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚିଲିକା ଗର୍ଭରେ ଥିବା ଅଭୟାରଣ୍ୟ ନଳବଣ ଆକାଶରେ ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଇଂରାଜୀ ଅକ୍ଷର ୟୁ ଓ ଭି ଆକାର ସଦୃଶ୍ୟ ଚକରମାରି ଦଳ ଦଳ ହୋଇ ସ୍ୱଦେଶ ଫେରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ପକ୍ଷୀତୀର୍ଥ ଚିଲିକା ପକ୍ଷୀମାନଙ୍କ ପ୍ରତ୍ୟାବର୍ତ୍ତନରେ ଏବେ ଶ୍ରୀହିନ ହେବାକୁ ବସିଲାଣି।



ପ୍ରକାଶ ଯେ, ଗତ ଅକ୍ଟୋବର ମଧ୍ୟ ଭାଗରୁ ଶୀତର ଆଗମନରେ ଚିଲିକାକୁ ବିଦେଶାଗତ ରଙ୍ଗବେରଙ୍ଗ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଥିଲା। ସୁଦୂର ବରଫାବୃତ୍ତ ରାଷ୍ଟ୍ରାଅଞ୍ଚଳରେ ଶୀତ ଋତୁରେ ଅତ୍ୟଧିକ ହିମ ପ୍ରବାହ ହେତୁ ଏଥିରୁ ରକ୍ଷା ପାଇବା ସହ ଉପଯୁକ୍ତ ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକା ବକ୍ଷକୁ ଆସିଥିଲେ। ବର୍ଷା ଦିନେ ଜନ୍ମ ନେଇଥିବା ଗୁଳ୍ମଜାତୀୟ ଉଭିଦ ଓ ଛୋଟ ଛୋଟ ମାଛ, କଙ୍କଡ଼ା, ଜଳଚର କୀଟପତଙ୍ଗ ଆଦି ଏହି ପକ୍ଷୀଙ୍କ ମୁଖ୍ୟ ଆହାର ପାଲଟିଥିଲା। ଏଥିସହିତ ଅଭୟାରଣ୍ୟ ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ରୂପେ ଗ୍ରହଣ କରି ନେବା ସହ ଏଠାରେ ଚାରି ମାସ ରହଣୀକାଳ ମଧ୍ୟରେ ପକ୍ଷୀ ମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିଛନ୍ତି। ପୁନର୍ବାର ଫେବୃଆରୀ ମାସ ମଧ୍ୟରେ ଧରା ପୃଷ୍ଠକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ଏହି ଅତିଥି ପକ୍ଷୀ ସବୁ ଶାବକ ଛୁଆଙ୍କ ସହ ନିଜ ନିଜର ଭିଟାମାଟିକୁ ଫେରିବା ଆରମ୍ଭ କରୁଥିବା ଦେଖିବାକୁ ମିଳୁଛି। ପକ୍ଷୀତୀର୍ଥ ଚିଲିକାକୁ ଚଳିତ ବର୍ଷ ସମଗ୍ର ଚିଲିକାରେ ସମୁଦାୟ ୧୯୬ ପ୍ରଜାତିର ୧୧ଲକ୍ଷ ୩୨ ହଜାର ୨୦୦ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ୧୦୬ ପ୍ରଜାତିର ୧୧ଲକ୍ଷ ୧୦ହଜାର ୨୫୭ ରଙ୍ଗବେରଙ୍ଗର ବିଦେଶା ଗତ ପକ୍ଷୀଙ୍କ ଆଗମନ ହୋଇଥିବା ସହ ୯୦ ପ୍ରଜାତିର ୨୧ହଜାର ୯୪୩ଗୋଟି ସ୍ଥାନୀୟ ପକ୍ଷୀ ଦେଖାଯାଇଥିବା ଗତ ଜାନୁଆରୀ ୧୮ ତାରିଖରେ ବିଭାଗୀୟ ଗଣନା ରିପୋର୍ଟରୁ ଜଣା ଯାଇଥିଲା। ପକ୍ଷୀ ଅଭୟାରଣ୍ୟ ନଳବଣରେ ୧୦୬ ପ୍ରଜାତିର ମୋଟ ୩ ଲକ୍ଷ ୯୭ ହଜାର ୫୮୭ ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ବିଗତ ବର୍ଷ ମାନଙ୍କରେ ଚିଲିକାରେ ୧୯୬ ରୁ ଉର୍ଦ୍ଧ୍ୱ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରଜାତି ସଂଖ୍ୟା ମଧ୍ୟ ସେହି୧୯୬ରେ ସୀମିତ ଥିଲା। ବିଦେଶା ଗତ ପକ୍ଷୀମାନଙ୍କ ମଧ୍ୟରୁ ଚଳିତ ବର୍ଷ ନୂତନ ଭାବେ ଆଫ୍ରିକା ମହାଦେଶରୁ ଆସିଥିବା ପ୍ଲେନ ମାର୍ଟିନ ଓ ବେଙ୍ଗଲରୁ ଆସିଥିବା ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ଦୁଇଗୋଟି ପକ୍ଷୀ ଦୃଶ୍ୟମାନ ହୋଇଥିବା ବେଳେ ୟୁରାସିୟାନ୍ କୁଜଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ଼ୱାଲ୍ ଆଦି ପ୍ରଜାତି ପକ୍ଷୀ ସର୍ବାଧିକ ଆସିଥିବାରୁ ସୁନ୍ଦରୀ ପକ୍ଷୀ ତିର୍ଥ ଚିଲିକା ଗର୍ବରେ ଫାଟି ପଡିଥିଲା। ତେବେ ବର୍ତ୍ତମାନ ତାତି ବଢିବା ସଙ୍ଗେ ସଙ୍ଗେ ଗତି ସପ୍ତାହଠାରୁ ଚିଲିକାରୁ ବିଦେଶୀ ପକ୍ଷୀ ପର୍ଯ୍ୟାୟ କ୍ରମେ ସ୍ୱଦେଶକୁ ଫେରିବା ଆରମ୍ଭ କରୁଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିକାରୀ ଅମ୍ଳାନ କୁମାର ନାୟକ ସୂଚନା ଦେଇଛନ୍ତି। ଗତ ୪ମାସ ହେବ ବିଦେଶାଗତ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତୀର ପକ୍ଷୀଙ୍କ ସମାଗମରେ ଚିଲିକା ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ବର୍ତ୍ତମାନ ବିଦେଶୀ ପକ୍ଷୀ ଘର ବାହୁଡା ଆରମ୍ଭ କରିଥିବା ବେଳେ ଆଗାମୀ କିଛି ସପ୍ତାହ ମଧ୍ୟରେ ଚିଲିକା ବିଦେଶାଗତ ପକ୍ଷୀଶୂନ୍ୟ ହୋଇପଡିବ। ବିଦେଶାଗତ ପକ୍ଷୀଙ୍କ ଘର ବାହୁଡ଼ା ସମୟରେ ଚିଲିକାକୁ ବାଏ ବାଏ ଫିର ମିଲେଙ୍ଗେ କହି ଆସନ୍ତା ବର୍ଷ ଶୀତଋତୁ ପ୍ରାରମ୍ଭରେ ପୁଣିଥରେ ଦେଖାହେବା ଯାହା ଚିଲିକାରୁ ବିଦାୟ ନେବା ପକ୍ଷୀଙ୍କ କାକଳୀରୁ ବାରି ହେଉଛି।

# ଶାମୁକାପାଟଣା ଆଞ୍ଚଳିକ ମହାବୀର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ବୋଲଗଡ,୧।୩(ସମିସ): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଶାମୁକାପାଟଣା ଖେଳ ପଡିଆ ପରିସରରେ ଆଞ୍ଚଳିକ ମହାବୀର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସିଆରପିଏଫ ଯବାନ ଯୁଧିଷ୍ଠିର ବେହେରା, ପଞ୍ଚାୟତ କାର୍ଯ୍ୟ ଉନ୍ନୟନ ଅଧିକାରୀ ପବିତ୍ର କୁମାର ସ୍ୱାଇଁ, ବରହମପୁର -୨ ଅତିରିକ୍ତ ଯୁଗ୍ମ କମିଶନର କୋର୍ଟ ଅଫିସର କୈଳାସ ଚନ୍ଦ୍ର ବେହେରା ଓ ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପରେ କୁମ୍ଭିଲୋ ବିବିଜି ଜୁନିୟର କ୍ଲବ ଓ ବିନ୍ଧଗିରି ମା ମଙ୍ଗଳା କ୍ଲବ ମଧ୍ୟରେ ଖେଳ ହୋଇଥିବା ବେଳେ କୁମ୍ଭିଲୋ ବିବିଜି ଜୁନିୟର କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଖେଳକୁ ମ୍ୟାଚ କମିଶନର ଦୟାନ ଖାଁଙ୍କ ନିର୍ଦ୍ଦେଶ ଓ ରେଫରୀ ଲକ୍ଷ୍ମୀଧର ଚୌଧୁରୀଙ୍କ ନେତୃତ୍ୱରେ ଶିବ ଦେଉରୀ ଏବଂ ପ୍ରକାଶ ପରିଡ଼ା ଲାଇନ ମ୍ୟାନ ଭାବେ ରହି ସହଯୋଗ କରିଥିବା ବେଳେ ଶିକ୍ଷକ ଦାଶରଥି ନାୟକ, ତପନ ନାୟକ ଦିଲ୍ଲୀପ କୁମାର ନାୟକ ହେମନ୍ତ କୁମାର ନାୟକ ଓ ସୁମନ୍ତ କୁମାର ନାୟକଙ୍କ ସମେତ ସଦସ୍ୟ ମାନେ ପରିଚାଳନା କରିଥିଲେ।

